# OBSERVATION OF INTERNATIONAL WOMEN'S DAY

# S.D. WOMEN'S COLLEGE, RAJGANGPUR

**On 8th March 2024, International Women's Day was observed by the NSS, NCC and YRC units of the college. The guests of honour for this programme were Mrs Sushmita Nayak, Senior Judge, Civil Court, Ms Shreya Rituparna Sahoo, Judicial Magistrate First class, Civil Court, Mrs Kausalya Agarwal, and Mr Sapan Panda, IQAC co-ordinator. The host of programme Ms Akanksha Lakra, NSS Programme Officer made the introduction and told the volunteers about the importance of this day. This programme was presided over by our principal, Mr Bipin Choudhary who inspired all the students with his speech on the theme of the programme "Inspire Inclusion".Our guests Mrs Sushmita Nayak told the students about the various laws which have been especially made for the upliftment and protection of women. Ms Shreya Rituparna Sahoo told the students about need for women to know about their rights in the society. All the students who had won awards in various competitions held for this occasion were also awarded by the guest of honour. The programme concluded with the distribution of refreshments and vote of thanks.**






INTERNATIONAL
WOMEN'S
DAY
GPS Map Camera
Rajgangpur, Odisha, India
5HRH+H25, Liploi Rd, Sriram Colony, Rajgangpur, Odisha 770017, India
Lat 22.191406°
Long 84.577617°
08/03/24 11:28 AM GMT +05:30
Google


INTERNATIONAL
WOMEN'S
DAY


INTERNATIONAL
WOMEN'S
DAY
GPS Map Camera
Rajgangpur, Odisha, India
5HRH+H25, Liploi Rd, Sriram Colony, Rajgangpur, Odisha 770017, India
Lat 22.191406°
Long 84.577617°
08/03/24 11:00 AM GMT +05:30
Google





ସମ୍ବାଦ

# ସରବତୀଦେବୀ ମହାବିଦ୍ୟାଳୟରେ ବିଶ୍ୱ ମହିଳାଦିବସ

ରାଜଗାଙ୍ଗପୁର,୮।୩(ଇମିସ): ରାଜଗାଙ୍ଗପୁରସ୍ଥ ସରବତୀଦେବୀ ମହିଳା ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳାଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ବିପିନ୍ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଦେୱାନୀ ବିଚାରପତି ସସ୍ମିତା ନାୟକ, ସମ୍ମାନିତ ଅତିଥି ଭାବରେ ପ୍ରଥମଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ସୁଶ୍ରୀ ଶ୍ରୀୟା ଋତୁପର୍ଣ୍ଣା ସାହୁ, ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. କୌଶଲ୍ୟା ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ବିଚାରପତି ଶ୍ରୀମତୀ ନାୟକ ଓ ସୁଶ୍ରୀ ସାହୁ ମହିଳାଙ୍କ ସଶକ୍ତୀକରଣ, ବାଲ୍ୟବିବାହ ଉଚ୍ଛେଦ, ନାରୀନିର୍ଯାତନା, ନାବାଳିକା ଦୁଷ୍କର୍ମ, ମହିଳାଙ୍କ ସମ୍ପତ୍ତି ଅଧିକାର ଇତ୍ୟାଦି ବିଷୟରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପିକା ଡ.



ଅଗ୍ରୱାଲ ଓ ଆକ୍ୟୁଏସି ସଂଯୋଜକ ସପନ କୁମାର ପଣ୍ଡା ସମାଜରେ ନାରୀର ଭୂମିକା ବିଷୟରେ ଆଲୋଚନା କରିଥିଲେ। ଛାତ୍ରୀଙ୍କ ଦ୍ୱାରା ଯୌତୁକନିର୍ଯାତନା ଉପରେ ଏକ କ୍ଷୁଦ୍ରନାଟକ ଓ ସୁନ୍ଦର ନୃତ୍ୟ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁବ ରେଡ୍‌କ୍ରସ୍ ଅଧିକାରୀ ପ୍ରତାପ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ୱାଇଆର୍‌ସି ଓ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ତଥା ଏନ୍‌ସିସି କ୍ୟାଡେଟ୍‌ମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

ROURKELA-Edition
Page No.13 March 09, 2024

# ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ

ରାଜଗାଙ୍ଗପୁର, ୮।୩ (ଅଶୋକ ପାଣି): ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଶୁକ୍ରବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବିପିନ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଏବଂ ମହାବିଦ୍ୟାଳୟର ଯୁଥ ରେଡକ୍ରସ, ଏନସିସି ଏବଂ ଏନ୍‌ଏସ୍‌ଏସ୍‌ର ମିଳିତ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସିନିୟର୍ ସିଭିଲ ଜଜ, ରାଜଗାଙ୍ଗପୁର ସସ୍ମିତା ନାୟକ, ସମ୍ମାନିତ ଅତିଥି ଭାବରେ ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ, ରାଜଗାଙ୍ଗପୁର ସୁଶ୍ରୀ ଶ୍ରୀୟା ଋତୁପର୍ଣ୍ଣା ସାହୁ ଓ ନିମନ୍ତ୍ରିତ ଅତିଥି ଭାବେ ମହାବିଦ୍ୟାଳୟର ଅବସରପ୍ରାପ୍ତ ରାଜନୀତି ବିଜ୍ଞାନର ରିଡର୍ ଡ଼ କୌଶଲ୍ୟା ଅଗ୍ରୱାଲ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ସସ୍ମିତା ନାୟକ ନିଜ ବକ୍ତବ୍ୟରେ ମହିଳାମାନଙ୍କର ସଶକ୍ତୀକରଣ, ବାଲ୍ୟ ବିବାହର ଉଚ୍ଛେଦ, ନାରୀ ନିର୍ଯାତନା, ନାବାଳିକା ଶୋଷଣ, ରାଇଟ ଟୁ ପ୍ରପର୍ଟି ଇତ୍ୟାଦି ବିଷୟରେ ସଭାରେ ଉପସ୍ଥିତ ଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଶ୍ରୀୟା ଋତୁପର୍ଣ୍ଣା ସାଧାରଣତଃ ସମାଜରେ ଗୋଟିଏ ନାରୀକୁ ସମ୍ମାନ କରିବାରେ ଓ ନାରୀକୁ ସଶକ୍ତ କରିବାରେ ନାରୀର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଏହି ଦିବସର ଗୁରୁତ୍ୱ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଅଧ୍ୟାପକ ସପନ କୁମାର ପଣ୍ଡା ଇତିହାସ ପୃଷ୍ଠାରୁ ଆଜିଯାଏଁ ସମାଜ ଗଢ଼ିତୋଳିବାରେ ନାରୀ ଓ ତାର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ନିମନ୍ତ୍ରିତ ଅତିଥି ଡ଼ କୌଶଲ୍ୟା ଅଗ୍ରୱାଲ ସମାଜରେ ନାରୀର ଭୂମିକା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସମେତ ମହାବିଦ୍ୟାଳୟର ୟୁଥରେଡକ୍ରସର ସ୍ୱେଚ୍ଛାସେବୀ, ଏନଏସ୍‌ଏସ୍‌ର ସ୍ୱେଚ୍ଛାସେବୀ ଏବଂ ଏନସିସି ତଥା ଅନ୍ୟ ଛାତ୍ରୀ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଯୌତୁକ ନିର୍ଯାତନା ଉପରେ ଏକ କ୍ଷୁଦ୍ର ନାଟକ ଓ ସୁନ୍ଦର ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପ୍ରତାପ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।